## ସଂକ୍ଷେପରେ

ଗାଜଲବାଡ଼ି ଘାଟିରେ ଭୂସ୍ଖଳନ ଘଟଣା

### ୧୬ ଦିନ ପରେ ଚାଲିଲା ଭାରିଯାନ



**ଦାରିଙ୍ଗବାଡ଼ି,୨୬।୧୦(ଡି.ଏନ.ଏ):** ଦୀର୍ଘ ତିତ୍ଲି ପ୍ରଭାବରେ ବର୍ଷା ଯୋଗୁ ଭୂସ୍ଖଳନ ହୋଇ ମାଟି ଅତଡା ଓ ପଥର ଖସି କନ୍ଧମାଳ ଜିଲା ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ଗୋପାଳପୁର-ରାଇପୁର ୫୯ନଂ ଜାତୀୟ ରାଜପଥର ଗାଜଲବାଡ଼ି ଘାଟି ରାସ୍ତା ଅବରୋଧ ହୋଇଥିଲା। ରାଜପଥ ବିଭାଗ ପକ୍ଷରୁ ଦିନରାତି ମରାମତି ସହ ବ୍ଲାଷ୍ଟିଂ କରି ବଡବଡ ପଥର ହଟାଯାଇଛି। ଏକାଧିକ ସ୍ଥାନରେ ନୂତନ ନାଳ ସୃଷ୍ଟି ହୋଇଥିବାରୁ ରାଜପଥ ଉପରେ ହ୍ୟୁମ୍ ପାଇପ୍ ଦେଇ ନୂତନ ଭାବେ ଅସ୍ଥାୟୀ ପୋଲ ଏବଂ କଲଭର୍ଟ ନିର୍ମାଣ କରାଯାଇ ଭାରିଯାନକୁ ଛଡ଼ାଯାଉଥିବା ସୋରଡ଼ା ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଶୁକ୍ରବାର ପ୍ରଥମେ ଦାରିଙ୍ଗବାଡ଼ିକୁ ରନ୍ଧନ ଗ୍ୟାସ ବୋଝେଇ ଭାରିଯାନ ଉକ୍ତ ରାଜପଥ ଦେଇ ଯାଇଛି। ତେବେ ମରାମତି କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଶନିବାରଠାରୁ ବ୍ରହ୍ମପୁର-ବାଲିଗୁଡ଼ା ବସ୍ ଚଳାଚଳ କରିବ ବୋଲି ବ୍ରହ୍ମପୁର ଯାତ୍ରୀବାହି ବସ୍ ମାଲିକ ସଂଘ ସଦସ୍ୟ ଇ. ଲୋକନାଥ କହିଛନ୍ତି।

### ଯୋଗାଣ ମନ୍ତ୍ରୀଙ୍କ ଦିଗପହଣ୍ଡି ଗସ୍ତ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.):** ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୁରୁବାର ବନ୍ୟା ପ୍ରଭାବିତ ଗଡ଼ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲେ। ଏଥିସହ କଳିଙ୍ଗଦଳା, ଡାବରାସିଙ୍ଗି, ଧାନ୍ୟରାଶି ଓ ଗଡ଼ଗୋବିନ୍ଦପୁର ଗ୍ରାମର କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ବଣ୍ଟନର ଶୁଭାରମ୍ଭ କରିଥିଲେ। ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଘର ଏଲ୍ଇଡି ଯୋଜନାରେ ରାଶନକାର୍ଡ ହିତାଧିକାରୀଙ୍କୁ ଏଲ୍ଇଡି ବଲବ୍ ବଣ୍ଟନ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଗଡ଼ଗୋବିନ୍ଦପୁର ପଞ୍ଚାୟତର ୧୦ଟି ମହିଳା ଗୋଷ୍ଠୀଙ୍କୁ ମନ୍ତ୍ରୀ ସମବାୟ ଋଣ ବଣ୍ଟନ କରିଥିଲେ। ପରେ କଇଁଠଖଣ୍ଡି ପଞ୍ଚାୟତ ଗାଇଡା ଗ୍ରାମରେ ଚାଲିଥିବା ମା' ବାଙ୍କେଶ୍ୱରୀଙ୍କ ଝାମି ଯାତ୍ରା ଉଦ୍ୟାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରା, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ହରିବନ୍ଧୁ ରେଡ୍ଡୀ, ରଞ୍ଜନ ସାହୁ, ଭୂଷଣ ପ୍ରଧାନ, କିର୍ତ୍ତୀଚନ୍ଦ୍ର ଗୌଡ, ସତ୍ୟ ନାରାୟଣ ରଥ, ସରସ୍ୱତୀ ଗୌଡ, ଚିତ୍ରସେନ ଗୌଡ଼ ପ୍ରମୁଖ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ପୋଲିସ ଏନ୍‌କାଉଣ୍ଟରରେ ୨ ଆହତ

**ଛତ୍ରପୁର,୨୬।୧୦(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲାରେ କିଛିଦିନ ବ୍ୟବଧାନରେ ପୁଣି ଏନ୍‌କାଉଣ୍ଟର ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଗୁଳିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ପୋଲସରାର ମନୋଜ ସାହୁ, ଖୋର୍ଦ୍ଧା ଜିଲା କାଇପଦରର ବିଶ୍ୱଜିତ ବାରିକ ଓରଫ ମୁନା । ଉଭୟଙ୍କ ଡାହାଣ ଗୋଡ଼ରେ ଗୁଳି ବାଜି ଥିବାରୁ ପ୍ରଥମେ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମନୋଜ ଓ ମୁନା ସେପ୍ଟେମ୍ବର ୧୭ ତାରିଖରେ ଚମାଖଣ୍ଡି ଥାନା ରଘୁନାଥପୁର ନିକଟ ପେଟ୍ରୋଲ ପମ୍ପ ମ୍ୟାନେଜର ଡି. ହରିବନ୍ଧୁ ରେଡ୍ଡୀଙ୍କଠାରୁ ୯ ଲକ୍ଷ ୨୮ ହଜାର ଟଙ୍କା ଲୁଟ୍ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ । ମନୋଜଙ୍କ ନାଁରେ ବିଭିନ୍ନ ଥାନାରେ ୨୬ ଓ ମୁନାଙ୍କ ନାଁରେ ୩ଟି ମାମଲା ରହିଛି । ଗୁରୁବାର ରାତି ପ୍ରାୟ ୨ଟାରେ ଅଭିଯୁକ୍ତଦ୍ୱୟ କାର୍ ଯୋଗେ କଣମଣା ରାସ୍ତା ଦେଇ ଆସୁଥିଲେ। ଚମାଖଣ୍ଡି ପୋଲିସ ସେମାନଙ୍କୁ ଅଟକାଇଥିଲା। ପୋଲିସ ଉପରକୁ ଗୁଳି ଚଳାଇ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ମନୋଜ ଓ ମୁନାଙ୍କ ଡାହାଣ ଗୋଡରେ ଗୁଳି ବାଜିଥିଲା । ପରେ ସେମାନଙ୍କୁ କାବୁ କରାଯାଇ ୨ଟି ବନ୍ଧୁକ, ୪ ଟି ଗୁଳି, ୧ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ କାର୍ (ଓଡି ୩୩ ଟି ୫୩୦୯) ଜବତ ହୋଇଥିଲା। ଜବତ କାର୍‌ଟି ମନୋଜଙ୍କ ନାଁରେ ରହିଛି । ଏନ୍‌କାଉଣ୍ଟର ବେଳେ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଓ ଚମାଖଣ୍ଡି ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କ ସହ ଧସ୍ତାଧସ୍ତି ବେଳେ ୪ ପୋଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୭ ତାରିଖରେ ପେଟ୍ରୋଲ ପମ୍ପ ମ୍ୟାନେଜର ରେଡ୍ଡୀ ତାଙ୍କ ସହଯୋଗୀ ନାରେଶୁଙ୍କ ସହ ଟଙ୍କା ଜମା କରିବାକୁ ବାଇକ ଯୋଗେ ଯାଉଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ଲୁଟେରାମାନେ ଗଞ୍ଜାମ ବ୍ରିଜ୍ ନିକଟରେ ସେମାନଙ୍କ କାର୍ ଛାଡି ଅନ୍ୟ ଏକ ଗାଡିରେ ପଳାଇଥିଲେ । ଲୁଟେରାମାନେ ଛାଡି ଯାଇଥିବା କାରକୁ ସେତେବେଳେ ପୋଲିସ ଜବତ କରିଥିଲା । ମିଥ୍ୟା ନମ୍ବର ପ୍ଲେଟ ଲଗାଇ ଉକ୍ତ କାରକୁ ଲୁଟ୍‌ରେ ବ୍ୟବହାର କରାଯାଇଥିଲା । ଲୁଟ୍ ମାମଲାରେ ଗତ ୧ ତାରିଖରେ ୪ ଅଭିଯୁକ୍ତଙ୍କୁ ଚମାଖଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମାମଲାରେ ଆହୁରି ୩ ଜଣ ସମ୍ପୃକ୍ତ ଥିବା ଜଣାପଡିଛି ।



ଦୁଇ ଆହତଙ୍କ ଚିକିତ୍ସା ଚାଲିଛି।

- **ବନ୍ଧୁକ, ଗୁଳି, କାର୍ , ୧.୫୦ ଲକ୍ଷ ଟଙ୍କା ଜବତ**
- **ଟଙ୍କା ଲୁଟ୍ ମାମଲାରେ ସମ୍ପୃକ୍ତ ଥିଲେ**

■ ସିପିଆଇ ନେତାଙ୍କୁ ହତ୍ୟା ଉଦ୍ୟମ ମାମଲା

# ୮ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର ଅଫିସ୍,୨୬।୧୦**

ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ସିପିଆଇ ନେତା ଅଳକନାଥ ମିଶ୍ରଙ୍କୁ ହତ୍ୟା ଉଦ୍ୟମ ମାମଲାର ୨୦ ବର୍ଷ ପରେ ୮ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ବୟାନ ଗ୍ରହଣ କରି ଉପଯୁକ୍ତ ପ୍ରମାଣ ଅଭାବରୁ ଜିଲାଜଜ୍ ବିଭୂପ୍ରସାଦ ରାଉତରାୟ ଏହି ଚୂଡାନ୍ତ ରାୟ ଶୁଣାଇଛନ୍ତି। ଦେବଦତ୍ତ ମେକାପ (କୁଙ୍ଗା), ଭୀମସେନ ଗୌଡ, ବାବୁ ସ୍ୱାଇଁ, ଗିରିଜା ନନ୍ଦନ ମେକାପ (ସୌରି), ଅମ୍ବିକା ନନ୍ଦନ ମେକାପ, ଗଜାନନ ମେକାପ, ରଞ୍ଜନ ସ୍ୱାଇଁ ଏବଂ ସନ୍ୟାସୀ ଗୌଡ (ସନିଆ) ମାମଲାର ୨୦ ବର୍ଷ ପରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ,୧୯୯୮ ସେପ୍ଟେମ୍ବର ୧୮ତାରିଖ ରାତିରେ ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ତଥା ଏଆଇଟିୟୁସି ଜିଲା ସମ୍ପାଦକ ଅଳକନାଥ ମିଶ୍ର ଦିଗପହଣ୍ଡି ବସଷ୍ଟାଣ୍ଡ ମୁଖ୍ୟ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ତାଙ୍କୁ କେତେଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଅଳକ ଗୁରୁତର ଆହତ ହୋଇ ପ୍ରଥମେ ଦିଗପହଣ୍ଡି ଏବଂ ପରେ ବ୍ରହ୍ମପୁର ବଡମେଡିକାଲରେ ଚିକିତ୍ସିତ ହୋଇଥିଲେ । ପରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ନଂ.୯୦/୯୮ରେ ଏକ ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା । ୧୯୯୮ ମସିହାରେ ଖେମୁଣ୍ଡି କଲେଜ ଛାତ୍ର ସଂସଦ ନିର୍ବାଚନ ସମୟରେ କେବଳ ସଭାପତି ପଦବୀ ସିପିଆଇ ସମର୍ଥିତ ଏଆଇଏସଏଫ ଦଖଲରେ ରହିଥିବା ବେଳେ ଛାତ୍ର ସଂସଦର ଅନ୍ୟାନ୍ୟ ପଦପଦବୀରେ ସମସ୍ତ ପ୍ରାର୍ଥୀ ଛାତ୍ର କଂଗ୍ରେସରୁ ବିଜୟ ଲାଭ କରିଥିଲେ । ନିର୍ବାଚନ ଦିନ ସନ୍ଧ୍ୟାରେ ଉଭୟ ଗ୍ରୁପ୍‌ର ଛାତ୍ର ନେତାମାନେ ଶୋଭାଯାତ୍ରା କରିଥିଲେ । ଉକ୍ତ ରାତିରେ ଅଳକ ଏକାକି ଫେରୁଥିବା ବେଳେତାଙ୍କୁ ଆକ୍ରମଣ କରାଯାଇଥିଲା । ସରକାରଙ୍କ ପକ୍ଷରୁ କ୍ୟାଡର୍ ପିପି ଅଜିତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୁମାରକାନ୍ତ ବେହେରା, ରମେଶ ନାୟକ ପ୍ରମୁଖ ମାମଲା ପରିଚାଳନା କରୁଥିଲେ ।

■ ଶୈବପୀଠ ସମ୍ମୁଖରେ ଗାଈର ଖଣ୍ଡବିଖଣ୍ଡିତ ମୃତଦେହ

# କାର୍ଯ୍ୟାନୁଷ୍ଠାନ ଦାବିକଲା ବିଶ୍ୱ ହିନ୍ଦୁ ପରିଷଦ



ଗୋହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ରାସ୍ତା ଅବରୋଧ କରାଯାଇଛି।

**ବ୍ରହ୍ମପୁର ଅଫିସ୍,୨୬।୧୦**

ବ୍ରହ୍ମପୁର ସହରର ନୂଆ ବସଷ୍ଟାଣ୍ଡ ରାସ୍ତା ପାର୍ଶ୍ୱସ୍ଥ ଗୋକର୍ଣ୍ଣେଶ୍ୱର ଶୈବପୀଠ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗାଈର ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖାଯାଇଥିଲା ।ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମହନ୍ତ ଚିନ୍ମୟାନନ୍ଦ ଦାସ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ । ପ୍ରାୟ ଅଧ ଘଣ୍ଟା ଧରି ନୂଆ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ବ୍ରହ୍ମପୁର ସହରରୁ ବିଭିନ୍ନ ଜିଲା ଏବଂ ରାଜ୍ୟକୁ ଯାତାୟତ କରୁଥିବା ବସ୍ ଚଳାଚଳ କିଛି ସମୟପାଇଁ ବାଧାପ୍ରାପ୍ତ ହୋଇଥିଲା । ବୈଦ୍ୟନାଥପୁର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଥାନାକୁ ଆସି ଏତଲା ଦେବାକୁ କହିବା ପରେ ଆନ୍ଦୋଳନ ହଟିଥିଲା। ବ୍ରହ୍ମପୁର ସହରରେ ବିଭିନ୍ନ ସମୟରେ ଗୋହତ୍ୟା କରାଯାଇ ମାଂସ ଭକ୍ଷଣ କରାଯାଉଛି। ପ୍ରଶାସନ ଏଦିଗରେ ନିରବଦ୍ରଷ୍ଟା ସାଜିଛି । ସେହିପରି ଦୈନିକ ଗଜପତି ତଥା ଅନ୍ୟ ପଡୋଶୀ ଜିଲାରୁ ଗୋ ମାଂସ ଏବଂ ଗୋ ଚମଡା ବିଭିନ୍ନ ମାଲ ବୋଝେଇ ଗାଡି ଯୋଗେ ଆଣି ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଛି । ଗୋହତ୍ୟା ହିନ୍ଦୁ ସମାଜ ତଥା ସନାତନ ଧର୍ମାବଲମ୍ବୀମାନଙ୍କୁ ଆଘାତ ପହଞ୍ଚାଉଛି ବୋଲି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗ ହେଉଛି। ଗୋ ସଂକ୍ରାନ୍ତ ମାମଲା ରୁଜୁ କରିବାକୁ ଯାଇ ପୋଲିସ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସବୁ ଜାଣି ଅଜଣା ରହୁଥିବା ଅଭିଯୋଗ ହୋଇଛି । ଶୁକ୍ରବାର ଘଟଣାରେ ଆନ୍ଦୋଳନକାରୀମାନେ ବୈଦ୍ୟନାଥପୁର ଥାନାକୁ ଯାଇ ଗୋହତ୍ୟା ସମ୍ପର୍କରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ବୈଦ୍ୟନାଥପୁର ଥାନା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ।

### ବିଜୁ ଯୁବ ବାହିନୀ ଦ୍ୱାରା ଗ୍ରାମ ସଫେଇ

**ଗଞ୍ଜାମ,୨୬।୧୦(ଡି.ଏନ.ଏ.)**

ତିତଲି ବାତ୍ୟାରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଛ ଉପୁଡିବା ସହ ଡାଳ ଭାଙ୍ଗି ଚାରିଆଡେ ପତ୍ର ପଡିଥିଲା। ଏବେ ପତ୍ର ଗୁଡିକ ପଚି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାକୁ ଦେଖି ମଲାଡ଼ ପଞ୍ଚାୟତ ବିଜୁ ଯୁବ ବାହିନୀ ଆଗେଇ ଆସିଛି। ଗୁରୁବାର ଜିଲା ଛାତ୍ର ଉପସଭାପତି ତଥା ଯୁବ ସଙ୍ଗଠକ ଲିଙ୍ଗରାଜ ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ପଣିବନ୍ଧ ଗ୍ରାମର ବିଭିନ୍ନ ସାହି, ବିଦ୍ୟାଳୟ ପରିସର, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ହୁମ୍ମା ଓ ପୁରୁଷୋତ୍ତମପୁର ଯିବା ରାସ୍ତା ସଫେଇ କରିଥିଲେ। ଏଥିରେ ଗୋବିନ୍ଦ ନାୟକ, ଡି. ରାଜେନ୍ଦ୍ର, ଡି. ଶ୍ୟାମ, ଡି. ବିକା, ତୋଫାନ ମହାପାତ୍ର, ଜିତୁ ମହାକୁଡ, ସ୍ୱରାଜ ସାହୁ, ସନ୍ତୋଷ ସେଠୀ, ପିଙ୍କୁ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

# ଦ୍ୱିତୀୟ ରାଉଣ୍ଡରେ ଭଞ୍ଜବିହାର ଦଳ



ବିଜୟୀ ହୋଇଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫୁଟବଲ ଟିମ।

**ବ୍ରହ୍ମପୁର ଅଫିସ୍, ୨୬।୧୦**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଭଞ୍ଜବିହାର) ଦଳ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି । ଶୁକ୍ରବାର ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ମୁକାବିଲା ହୋଇଥଲା । ଏଥିରେ ଭଞ୍ଜବିହାର ଦଳ ୩-୦ ଗୋଲରେ ମ୍ୟାଚକୁ ବାଜିମାତ କରିନେଇଥିଲା। ଦଳ ପକ୍ଷରୁ ରଙ୍ଗିନ ହନୁ ଭାତ୍ରା ପ୍ରଥମ ଗୋଲ କରିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଜିସୁ ହେମ୍ବ୍ରମ ଓ ଅମନ ସ୍ୱାଇଁ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ଅଗ୍ରସର କରାଇଥିଲେ । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିପକ୍ଷ ଦଳ ପକ୍ଷରୁ କେହି ଗୋଟିଏ ମଧ୍ୟ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମ୍ୟାଚରେ ବିଜୟୀ ହୋଇଥିବା ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ କୁହାଯାଇଛି ।

### ରାଶନକାର୍ଡରେ ଜାଲିଆତି ଅଭିଯୋଗ

# ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଅଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ବିଭିନ୍ନ ସରକାରୀ ଯୋଜନା ହିତାଧିକାରୀ ଚୟନରେ ଦଳୀୟ ବାଛବିଚାର କରାଯାଉଛି। ଭତ୍ତା କାର୍ଡ ପାଇଁ ଟଙ୍କା ଆଦାୟ କରାଯାଉଥିବା ପ୍ରତିବାଦରେ ଶୁକ୍ରବାର ସାମାଜିକକର୍ମୀ ବାପି ପ୍ରଧାନ, ସୁବାସ ଚନ୍ଦ୍ର ସାହୁ, ସୁଶାନ୍ତ ପ୍ରଧାନ, ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସମସ୍ତ ଅଭିଯୋଗର ତଦନ୍ତ ନିମନ୍ତେ ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନେଇ ତଦନ୍ତ କରାଯିବ ବୋଲି ବିଡିଓ କହିଛନ୍ତି। ବ୍ଲକ ଯୋଗାଣ ନିରୀକ୍ଷକ ସୌଭାଗ୍ୟ ରଞ୍ଜନ ନାୟକ କହିଛନ୍ତି, ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀ ଦରଖାସ୍ତ ପ୍ରଦାନ କଲେ ତଦନ୍ତ କରାଯାଇ ରାଶନକାର୍ଡ ପ୍ରଦାନ କରାଯିବ। ବଡ଼ଡୁମୁଳା, ସୁମନ୍ତପୁର, କୃଷ୍ଣପୁର ପ୍ରମୁଖ ଗ୍ରାମବାସୀ ବିକ୍ଷୋଭ କରିଥିଲେ।

# ଗଞ୍ଜାମ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ୍,୨୬।୧୦**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶାର ବୃହତ୍ତମ ଜିଲା ଗଞ୍ଜାମରେ ବାରମ୍ବାର ବାତ୍ୟା ଓ ବନ୍ୟା ହେଉଛି ଏବଂ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ କରି ରାଜ୍ୟ ସରକାର କେବଳ ବିପନ୍ନଙ୍କୁ ରିଲିଫ ବାଣ୍ଟି ନିଜ ଦାୟିତ୍ୱ ସାରି ଦେଉଛନ୍ତି ବୋଲି ରାଜନୈତିକ ଚିଠା ପ୍ରସ୍ତାବରେ ଅଭିଯୋଗ ହୋଇଛି। ଦୁର୍ଗମ ଅଞ୍ଚଳର ଲୋକଙ୍କୁ ବାତ୍ୟା ତିତଲି ସମ୍ପର୍କରେ ସତର୍କ ସୂଚନା ଦିଆଯାଇ ନ ଥିବାରୁ ଗଞ୍ଜାମ ଓ ଗଜପତି ଜିଲାରେ ଅନେକ ଜୀବନ ହାନି ଘଟିଛି । ଏଥିପାଇଁ ବିଜେଡି ସରକାରଙ୍କ ବିଫଳତାକୁ ସମ୍ପୂର୍ଣ୍ଣ ଦାୟୀ କରିଛି ଭାଜପା ।

ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବ୍ରହ୍ମପୁର ଲୋକସଭା କ୍ଷେତ୍ରର ପ୍ରଭାରୀ ସୁରମା ପାଢ଼ୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ସମସ୍ତ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତାକୁ ସେ କଟାକ୍ଷ କରିଥିଲେ । ରାଜ୍ୟ ଭାଜପା ସମ୍ପାଦକ ବିଭୁତି ଜେନା ଯୋଗଦେଇ ଆଗତ ଚିଠା ପ୍ରସ୍ତାବ ଉପରେ ତର୍ଜମା କରିଥିଲେ । ଦୁର୍ବିପାକର ୧୫ ଦିନ ପରେ ବି କ୍ଷୟକ୍ଷତିର ଠିକ ଆକଳନ ସରକାରୀ କଳ କରିପାରି ନ ଥିବା ସଭାପତି ପତି ସମାଲୋଚନା କରିଥିଲେ । ପାତ୍ରପୁର ବ୍ଲକର ଜରଡ଼ା ନିକଟ ପୁରିଆ ସାହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ପୁରାଣ ପ୍ରସିଦ୍ଧ ସେଠାର ପର୍ଶୁରାମ କୁଣ୍ଡ ବାତ୍ୟା, ବନ୍ୟା ଏବଂ ବର୍ଷା ମାଡ଼ରେ ଧୂଳିସାତ ହୋଇଯାଇଛି । ନିମ୍ନମାନର ନିର୍ମାଣ କାର୍ଯ୍ୟ ଏହାର ମୂଳ କାରଣ ବୋଲି ଚିଠା ପ୍ରସ୍ତାବରେ କୁହାଯାଇଛି । ବିଭିନ୍ନ ନଦୀରେ ଅଚାନକ ବନ୍ୟା ପାଇଁ ଜଳ ସମ୍ପଦ ବିଭାଗର ଦାୟିତ୍ୱହିନ କାର୍ଯ୍ୟକୁ ଭାଜପା ନିନ୍ଦା କରିଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ସମସ୍ତ କୃଷିଋଣ ଛାଡ଼ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ବୈଠକରେ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ସଂଗଠନର କାର୍ଯ୍ୟକର୍ତ୍ତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ଉଦୟ ନାଥ ପ୍ରଧାନ, ଶିଶିର ପାଢ଼ୀ, ଧରଣୀଧର ବେହେରା, ନମିତରାଣୀ ପଣ୍ଡା, ରାଜେଶ ସାହୁ, ଗୋପୀନାଥ ପଣ୍ଡା, ରବୀନ୍ଦ୍ର ସାହୁ, ପ୍ରଭାତ ଷଡ଼ଙ୍ଗୀ, ସୁବାସିନୀ ପଟ୍ଟନାୟକ, ସୁନୀଲ ସାହୁ, ଶରତ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପରେ ସେମାନେ ଆଲୋଚନା କରିଥିଲେ । ମଣ୍ଡଳ ସଭାପତିମାନେ ବୈଠକରେ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

■ ଅସହାୟ ଭଉଣୀ ଭାଇଙ୍କ ପାଠପଢ଼ା ସ୍ୱପ୍ନ ପୂରଣ କଲେ ଡିଇଓ

# ହୋଟେଲ କାମ ଛାଡ଼ି ବହି ଧରିଲେ ଅଲେଖ

**ବ୍ରହ୍ମପୁର ଅଫିସ୍,୨୬।୧୦**

ସ୍ୱପ୍ନ ଥିଲା ପାଠ ପଢ଼ିବେ। ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ। କିନ୍ତୁ ପାଖରେ ନ ଥିଲା ଅର୍ଥ । ବାପା ଘର ଛାଡ଼ି ଚାଲିଯିବା ପରେ ମା' ପର ଘରେ କାମ କରି ପରିବାର ଚଳାଇଲେ। ମା'ଙ୍କ ସ୍ୱଳ୍ପ ଆୟରେ ପାଠ ପଢ଼ିବା ସମ୍ଭବ ହୋଇ ନ ଥିଲା। ଏଭଳି ସ୍ଥଳେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଦେବଦୂତ ସାଜି ବିଦ୍ୟାଳୟରେ ଅସହାୟ ଭଉଣୀ ଭାଇଙ୍କ ନାମ ଲେଖାଇଛନ୍ତି।

ଅଲେଖ ରାଓ (୧୦) ଏବଂ ତାଙ୍କ ଭଉଣୀ ତାରିଣୀ (୫) ବ୍ରହ୍ମପୁର ଫରେଷ୍ଟ କଲୋନୀ ନିକଟ ଏକ ଘରେ ମା' ବିନି ରାଓଙ୍କ ସହ ରହୁଛନ୍ତି । ବାପା ଧର୍ମା ରାଓ ୩ ବର୍ଷ ତଳୁ ଘର ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ସ୍ୱାମୀ ନ ଫେରିବାରୁ ବିନିଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡିଲା। ତେଣୁ ସେ ଆଖପାଖ କିଛି ଘରେ କାମ କରିବା ଆରମ୍ଭ କଲେ। ସେଥିରେ ବି ୩ ପ୍ରାଣୀଙ୍କ ଖାଦ୍ୟ ଯୋଗାଡ଼ କରି ହେଉ ନ ଥିଲା। ତେଣୁ ବ୍ରହ୍ମପୁର ମେଡ଼ିକାଲ୍ କ୍ୟାମ୍ପସ୍ ସ୍କୁଲରେ ପଢୁଥିବା ଅଲେଖ ପାଠ ଛାଡ଼ି ହୋଟେଲରେ କାମ କରିବା ଆରମ୍ଭ କଲେ। ଅଲେଖ ସିନା ପାଠ ଛାଡ଼ିଲେ, କିନ୍ତୁ ପାଠ ଅଲେଖଙ୍କୁ ଛାଡ଼ିପାରି ନ ଥିଲା। ଖାଲି ସମୟ ମିଳିଲେ ପୁରୁଣା ବହି ପଢୁଥିଲେ। କେବେ କେମିତି ସ୍କୁଲ ଆଡ଼େ ବୁଲି ଆସୁଥିଲେ। ପାଠ ପଢ଼ିବା ପାଇଁ ପୁଅର ଆଗ୍ରହ ବିଷୟରେ ଜାଣୁଥିଲେ ମଧ୍ୟ ବିନି ଉପାୟଶୂନ୍ୟ । ସେମାନଙ୍କ ଘର ପାଖରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ବାସଭବନ। ପ୍ରାୟ ୬ ମାସ ପୂର୍ବେ ଏକ ସନ୍ଧ୍ୟାରେ ଡିଇଓ ପଣ୍ଡା ନିଜ ବାସଭବନରେ ବ୍ୟାଡମିଣ୍ଟନ୍ ଖେଳୁଥିବା ବେଳେ ଅଲେଖ ସେଠାରେ ଠିଆ ହୋଇ ଉତ୍ସାହର ସହ ଦେଖୁଥିଲେ। ଡିଇଓ ପଣ୍ଡା ତାଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲେ। ଅଲେଖ ପ୍ରତ୍ୟେକ ସନ୍ଧ୍ୟାରେ ଯାଇ ବ୍ୟାଡମିଣ୍ଟନ ଖେଳିଲେ। ଦିନେ ଡିଇଓ ପଣ୍ଡା ଅଲେଖଙ୍କୁ ତାଙ୍କ ପରିବାର ସଂପର୍କରେ ପଚାରିଲେ। ଅଲେଖଙ୍କ ପରିବାର ବିଷୟରେ ଜାଣିବା ସହ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ଦେଖି ବିଦ୍ୟାଳୟରେ ନାମ ଲେଖାଇବାକୁ କହିଥିଲେ। ସେବେଠାରୁ ଆଉ ଅଲେଖଙ୍କ ଦେଖା ନ ଥିଲା। ଗତ ସପ୍ତାହରେ ଅଲେଖ ପୁଣି ଥରେ ଡିଇଓ ପଣ୍ଡାଙ୍କ ପାଖରେ ପହଞ୍ଚି ମା' ପାଠ ପଢ଼ିବା ପାଇଁ ଅନୁମତି ଦେଇଛନ୍ତି ବୋଲି କହିଥିଲେ। ବିଦ୍ୟାଳୟରେ ଭଉଣୀ ତାରିଣୀର ନାମ ମଧ୍ୟ ଲେଖାଇବାକୁ ଅନୁରୋଧ କରିଥିଲେ । ଅଲେଖ ଏବଂ ତାରିଣୀଙ୍କ ପାଇଁ ପାଠ୍ୟ ପୁସ୍ତକ, ୟୁନିଫର୍ମ ଏବଂ ଯୋତା ଯୋଗାଡ଼ କରିବା ପାଇଁ ସିଆର୍‌ସିସି ତାରା ଚରଣ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଡ. ପଣ୍ଡା । ଏପରିକି ପ୍ରତି ସନ୍ଧ୍ୟାରେ ଡ. ପଣ୍ଡାଙ୍କ ଘରକୁ ଯାଇ ଅଲେଖ ତାଙ୍କ ପାଖରେ ପାଠ ପଢୁଥିଲେ । ଶୁକ୍ରବାର ହାତରେ ବହି ଧରିବା ସହ ୟୁନିଫର୍ମ ଏବଂ ଯୋତା ପିନ୍ଧି ଅଲେଖ ଏବଂ ତାରିଣୀ ମେଡ଼ିକାଲ୍ କ୍ୟାମ୍ପସ୍ ହାଇସ୍କୁଲରେ ପହଞ୍ଚିଥିଲେ । ଜିଲା ଶିକ୍ଷା ଅଧିକାରୀ ଡ. ପଣ୍ଡା ନିଜେ ବିଦ୍ୟାଳୟରେ ଉଭୟଙ୍କ ନାମ ଲେଖାଇଥିଲେ । ଅଲେଖ ଚତୁର୍ଥ ଶ୍ରେଣୀରେ ଏବଂ ତାରିଣୀ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି । ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ମହାପାତ୍ର, ସିଆରସିସି ତାରା ଚରଣ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟାଳୟରେ ନାମ ଲେଖାଇବା ପରେ ବେଶ୍ ଖୁସି ଥିବା ଅଲେଖ କହିବା ସହ ଡିଇଓ ପଣ୍ଡାଙ୍କୁ ଧନ୍ୟବାଦ ଦେଇଛନ୍ତି । ଡିଇଓ ପଣ୍ଡା କହିଛନ୍ତି, ଅଲେଖଙ୍କ ପାଠ ପଢ଼ିବା ପ୍ରତି ପ୍ରବଳ ଆଗ୍ରହ ରହିଛି । ସେଥିରେ ମୁଁ ପ୍ରଭାବିତ। ଏଣୁ ବିଦ୍ୟାଳୟରେ ନାମ ଲେଖାଇଲି । ଭବିଷ୍ୟତରେ ତାଙ୍କ ପାଠ ପଢ଼ା ପାଇଁ ସାହାଯ୍ୟ ଜାରି ରହିବ ବୋଲି ଡିଇଓ କହିଛନ୍ତି ।



ଅଲେଖ ଏବଂ ତାରିଣୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ନେଉଛନ୍ତି ।

### ବିଦ୍ୟାଳୟକୁ ଗଲେ ତାରିଣୀ

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

**ବ୍ରହ୍ମପୁର ଅଫିସ,୨୬।୧୦:** ବ୍ରହ୍ମପୁର-ଲୋଚାପଡା ରାସ୍ତା ଭାନିନୀପୁର ଅଞ୍ଚଳରୁ ଶୁକ୍ରବାର ସଦର ଥାନା ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ କରିଛି । ଏ ନେଇ ନଂ. ୨୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଡେଡ୍ ହାଉସରେ ରଖାଯାଇଥିବା ଆଇଆଇସି ଶିବଶଙ୍କର ମହାପାତ୍ର କହିଛନ୍ତି । କିଛି ଦିନ ହେଲା ବ୍ୟକ୍ତି ଜଣକ ଲୋଚାପଡା ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ। ତାଙ୍କର ମୃତଦେହ ରାସ୍ତା କଡରୁ ଠାବ କରାଯାଇଥିବା ପୋଲିସ କହିଛି। ବ୍ୟକ୍ତି ଜଣକଙ୍କର କିଭଳି ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି ।

### ନିର୍ଯାତିତାଙ୍କୁ ନ୍ୟାୟ ଦାବି ନେଇ ଡିଆଇଜିଙ୍କୁ ସ୍ମାରକପତ୍ର

**ବ୍ରହ୍ମପୁର ଅଫିସ,୨୬।୧୦ :** ନିର୍ଯାତନାରେ ଶିକାର ହେଉଥିବା ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ଏବଂ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଶୁକ୍ରବାର ପ୍ରମିଳା ଦେବୀ ମହିଳା କଲ୍ୟାଣ ସଂଘ ଡିଆଇଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛି । ଡିଆଇଜି ଆଶିଷ ସିଂହଙ୍କ ଅନୁପସ୍ଥିତରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି । କୌଣସି ନିର୍ଯାତିତା ମହିଳା ଥାନାଧିକାରୀଙ୍କ ଦ୍ୱାରସ୍ଥ ହେଲେ ତାଙ୍କୁ ଏସ୍‌ପିଙ୍କ ନିକଟକୁ ଯିବା କିମ୍ବା କୋର୍ଟରେ କେସ କରିବା ପାଇଁ କୁହାଯାଉଥିବା ଅଭିଯୋଗ ହୋଇଛି । ଜୁଲାଇ ୫ ତାରିଖ ରାତିରେ ପ୍ରମିଳା ଦେବା ମହିଳା କଲ୍ୟାଣ ସଂଘ ସଭାନେତ୍ରୀ ପ୍ରମିଳାଙ୍କୁ ଧମକ ଦିଆଯାଇଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ । କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପରେ ଅକ୍ଟୋବର ୭ ତାରିଖରେ ଗୋଷାଣୀନୂଆଗାଁ ଥାନାରେ ପ୍ରମିଳାଙ୍କ ଏତଲା କ୍ରମେ ମାମଲା ରୁଜୁ ହୋଇଥିବା ସେ ସୂଚନା ଦେଇଥିଲେ । ସେହିପରି ବ୍ରହ୍ମପୁର ମୀନାକ୍ଷୀ ନଗର ତୃତୀୟ ଲେନର ଏମ.ଶିଲ୍ପାଙ୍କୁ ବିଜୟାନଗରମ୍‌ସ୍ଥିତ ତାଙ୍କ ଶାଶୁଘରେ ଯୌତୁକ ନିର୍ଯାତନା ଦିଆଯାଉଥିଲା। ସେ ତାଙ୍କ ବାପ ଘର ବ୍ରହ୍ମପୁରକୁ ଆସିଛନ୍ତି। ନ୍ୟାୟ ପାଇଁ ସେ ମହିଳା ଥାନା ଦ୍ୱାରସ୍ଥ ହୋଇଥିଲେ। ସେଠାରେ ତାଙ୍କୁ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରାଯିବା ସହିତ ଏସ୍‌ପିଙ୍କୁ ଭେଟିବା ପାଇଁ କୁହାଯାଇଥିଲା ବୋଲି ଶିଳ୍ପା ଅଭିଯୋଗ କରିଛନ୍ତି । ପରବର୍ତ୍ତୀ ସମୟରେ ଶିଳ୍ପାଙ୍କ ଏତଲାକୁ ଗ୍ରହଣ କରି ମାମଲା ନଂ.୫୮/୧୮ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ସେହିପରି କୂଳ ସମାଜ ଏବଂ ଶ୍ୱଶୁରଘର ଲୋକଙ୍କ ଦ୍ୱାରା ନିର୍ଯ୍ୟାତନାର ଶୀକାର ହୋଇଥିବା କ୍ଷୀର ବେହେରା, ଅଭିଯୁକ୍ତ ପରିବାର ଲୋକଙ୍କ ଦ୍ୱାରା ନିର୍ଯ୍ୟାତନାରେ ଶୀକାର ହୋଇଥିବା ବେଳେ ଦୈନନ୍ଦିନ ସେମାନେ ବିଭିନ୍ନ ପ୍ରକାର ଧମକ ପାଇଆସୁଥିବା କହିଛନ୍ତି । ସମସ୍ତ ମାମଲାର ତଦନ୍ତ କରାଯାଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରତିଶୃତି ଦେଇଛନ୍ତି ।

### ମଦ ଜବତ, ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଦିଗପହଣ୍ଡି/ ପାଟପୁର,୨୬।୧୦(ଡି.ଏନ.ଏ.):** ପାଟପୁର ପୋଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ଶୁକ୍ରବାର କଉଡ଼ିଆ ଗ୍ରାମର ସନାତନ ପ୍ରଧାନ, ସାହାସପୁର ଗ୍ରାମର ଗାନ୍ଧୀ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରୁ ୨୮୧ଟି ଚୋରା ଦେଶୀ ମଦ ପାଉଚ ଜବତ କରାଯାଇଛି। ଥାନା ନଂ. ୨୭୧/୧୮ରେ ଗାନ୍ଧୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସେ ଗିରଫ ଭୟରେ ଗ୍ରାମରୁ ଫେରାର ଥିଲେ। ପୋଲିସ ଶୁକ୍ରବାର ସକାଳେ ତାଙ୍କୁ ଗିରଫ କରିଥିଲା। ସନାତନ ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କଠାରୁ ୮୧ଟି ଚୋରା ଦେଶୀ ମଦ ପାଉଚ ଜବତ ହୋଇଛି। ଅନ୍ୟପକ୍ଷରେ ଦିଗପହଣ୍ଡି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପାଟପୁର ଅଞ୍ଚଳରେ ଚୋରା ମଦ ଧରପଗଡ଼ କରାଯାଇଥିଲା। ଜିଉରା ଗ୍ରାମ ଛକରେ ଚୋରା ମଦ ବିକ୍ରି ଅଭିଯୋଗରେ ମହେଶ୍ୱର ଦାସଙ୍କୁ ଗିରଫ କରାଯାଇ ଅବକାରୀ କାର୍ଯ୍ୟାଳୟ ମାମଲା ନଂ. ୩୬/୧୮-୧୯ ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ୪୫ଟି ଚୋରା ଦେଶୀ ମଦ ପାଉଚ ଜବତ କରାଯାଇଥିବା ଅବକାରୀ ଏସ୍‌ଆଇ ଅଭିମନ୍ୟୁ ସାହୁ କହିଛନ୍ତି।

■ ଅଲିଭ୍ ରିଡ୍‌ଲେଙ୍କ ଆଗମନ ପାଇଁ ପ୍ରସ୍ତୁତି

# ଉପକୂଳରୁ ସଫାହେବ ବନ୍ୟା ଆବର୍ଜନା

**ବ୍ରହ୍ମପୁର ଅଫିସ,୨୬।୧୦**

ଗଞ୍ଜାମ ଜିଲାର ରଷିକୂଲ୍ୟା ମୁହାଣ ଏବଂ ବଙ୍ଗୋପସାଗର ଉପକୂଳରେ ପ୍ରତିବର୍ଷ ନଭେମ୍ବରରୁ ପ୍ରାୟ ମେ' ମାସ ଶେଷ ଯାଏଁ ଅଲିଭ୍ ରିଡଲେ କଇଁଛଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଲକ୍ଷ ଲକ୍ଷ କଇଁଛ ଉପକୂଳରେ ଅଣ୍ଡା ଦେଇଥାନ୍ତି। ଓଡ଼ିଶାର ଅନ୍ୟ ଅଞ୍ଚଳ ଅପେକ୍ଷା ବର୍ତ୍ତମାନ ଗଞ୍ଜାମ ଉପକୂଳ ଅଲିଭ୍ ରିଡଲେଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏଭଳି କ୍ଷେତ୍ରରେ ବନ ବିଭାଗର ଦାୟିତ୍ୱ ବଢ଼ିଯାଇଛି । ଆଉ କିଛି ଦିନ ପରେ ଅଲିଭ୍ ରିଡଲେଙ୍କ ଆଗମନ ହେବ। ଏହାର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛି ବନ ବିଭାଗ। ଶୁକ୍ରବାର ଏ ନେଇ ଏକ ପ୍ରସ୍ତୁତି ବୈଠକ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ପ୍ରତିନିଧି ଭାଗନେଇଥିଲେ । ଉପକୂଳରୁ ବନ୍ୟା ଆବର୍ଜନା ସଫା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

୧୧ ତାରିଖରେ ବାତ୍ୟା ତିତ୍‌ଲି ଏବଂ ପରବର୍ତ୍ତି ବନ୍ୟା ଜିଲାରେ ଯେଉଁ ବିପର୍ଯ୍ୟୟ ଘଟାଇଛି, ସେଥିରୁ ମୁକୁଳିବା ପାଇଁ ଆହୁରି ସମୟ ଲାଗିବ । କିଛି ମାସ ହେଲା ଜିଲାରେ ବର୍ଷାର ପରିମାଣ କମ୍ ରହିଥିଲା। ନଦୀଗୁଡ଼ିକରେ ଜଳସ୍ତର ମଧ୍ୟ କମିଯାଇଥିଲା । ଫଳରେ ନଦୀ ପଠାରେ କାଶତଣ୍ଡୀ ଏବଂ ଅନ୍ୟାନ୍ୟ ଗଛ ଲଟା ଉଠିଯାଇଥିଲା। ଗତ ବନ୍ୟାରେ ନଦୀରେ ଜଳସ୍ତର ବଢ଼ିବା ଯୋଗୁ ବନ୍ୟା ଜଳ ସହ କାଶତଣ୍ଡୀ ଏବଂ ଅନ୍ୟାନ୍ୟ ଲଟାବୁଦା ଯାଇ ସମୁଦ୍ରରେ ମିଶିଯାଇଥିଲା । ଧୀରେ ଧୀରେ ସେଗୁଡ଼ିକ ଆସି ସମୁଦ୍ର ଉପକୂଳରେ ଲାଗିଯାଇଛି। ଏଥିସହ ଅନ୍ୟାନ୍ୟ ଆବର୍ଜନା ଭରିରହିଛି । ନଭେମ୍ବର ମଧ୍ୟ ଭାଗରୁ ଡିସେମ୍ବର ଶେଷ ଯାଏଁ ଅଲିଭ୍ ରିଡଲେ କଇଁଛମାନେ ସମୂହ ମିଳନ ପାଇଁ ଉପକୂଳକୁ ଆସିଥାନ୍ତି । ହେଲେ ଆବର୍ଜନା ଭରିରହିଥିବା ଯୋଗୁ କଇଁଛଙ୍କ ମିଳନରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଆବର୍ଜନା ସଫା କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଖୁବ୍‌ଶୀଘ୍ର ମେଶିନ୍ ଲଗାଇ ଉପକୂଳରୁ ଆବର୍ଜନା ସଫା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୁରୁଣା ବନ୍ଧ ଠାରୁ ପ୍ରୟାଗୀ ପ୍ରାୟ ୭କିମି ଉପକୂଳ ଅଞ୍ଚଳ ସଫା ହେବ । ସେହିଭଳି ସମୂହ ମିଳନ ଠାରୁ ଅଣ୍ଡାରୁ ଛୁଆ ବାହାରିବା ପର୍ଯ୍ୟନ୍ତ, ସମୁଦ୍ର ଭିତରେ ମେଶିନ୍ ବୋଟ୍ ଦ୍ୱାରା ମାଛ ମାରିବା ଉପରେ କଟକଣା ଲାଗିଥାଏ । ମତ୍ସ୍ୟଜୀବୀମାନଙ୍କ ଆର୍ଥିକ କ୍ଷତି ହୋଇଥାଏ । ସେଥିପାଇଁ ମତ୍ସ୍ୟ ବିଭାଗ ତରଫରୁ ମତ୍ସ୍ୟଜୀବୀ ପିଛା ମାସିକ ସାଢ଼େ ୭ହଜାର ଟଙ୍କା ପ୍ରଦାନ କରାଯିବ। ଯେଉଁମାନଙ୍କ ମେଶିନ୍ ବିହିନ ଡଙ୍ଗା ଅଛି, ସେମାନଙ୍କୁ ସାଢ଼େ ୪ହଜାର ଟଙ୍କା ଦିଆଯିବ । ଉପକୂଳର ୧୧ଟି ଗ୍ରାମର ମତ୍ସ୍ୟଜୀବୀମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ । କଇଁଛଙ୍କ ସୁରକ୍ଷା, ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ ପ୍ରକାଶ କରିଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା, କଇଁଛ ସୁରକ୍ଷାରେ ଉପକୂଳବାସୀଙ୍କ ପ୍ରଧାନ ଭୂମିକା ରହୁଛି ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ମତ୍ସ୍ୟ ବିଭାଗର ଶ୍ୟାମ ପ୍ରସାଦ ପଣ୍ଡା, ଗୋପାଳପୁର ପୋର୍ଟର ଏଜିଏମ୍ ଅମ୍ଳାନ ଦତ୍ତ, ଆସିଷ୍ଟାଣ୍ଟ ମ୍ୟାନେଜର୍ କରୁଣାକର ପ୍ରହରାଜ, ଭାରତୀୟ ବିରଳ ମୃତ୍ତିକାର ଏଜିଏମ୍ ସୁରେଶ ପାତ୍ର, ଗଞ୍ଜାମ ତହସିଲଦାର୍ ଏ.କେ. ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ଯୋଗଦେଇଥିଲେ । ଶେଷରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ । ବ୍ରହ୍ମପୁର ରେଞ୍ଜ ଅଫିସର ଏ. ରାଜା ରାଓ ସୁବୁଦ୍ଧି ଏବଂ ଖଲ୍ଲିକୋଟ ରେଞ୍ଜ ଅଫିସର ଦିଲୀପ କୁମାର ମାର୍ଥାଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ ।


ଗଞ୍ଜାମ ଉପକୂଳରେ ବନ୍ୟା ଆବର୍ଜନା ପଡ଼ିଛି ।

# ୨୯ରୁ ଚାଷୀଙ୍କ ପଦଯାତ୍ରା, ସତ୍ୟାଗ୍ରହ


ଖବରଦାତା ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତାମାନେ ।

**ବ୍ରହ୍ମପୁର ଅଫିସ,୨୬।୧୦**

ଚାଷୀଙ୍କୁ ପ୍ରାଇସ୍, ପେନସନ୍ ଏବଂ ପ୍ରେଷ୍ଟିଜ୍ ଦାବିରେ ପୁଣି ଥରେ ଆନ୍ଦୋଳନକୁ ବ୍ୟାପକ କରିବ ନବନିର୍ମାଣ କୃଷକ ସଂଗଠନ । ଆସନ୍ତା ୨୯ରୁ ୫ ତାରିଖ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଏବଂ ସତ୍ୟାଗ୍ରହ କରାଯିବ। ଶୁକ୍ରବାର ସ୍ଥାନୀୟ ଗଞ୍ଜାମ କଳାପରିଷଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ତରଫରୁ ଏହି ସୂଚନା ଦିଆଯାଇଛି । ୨୯ ତାରିଖରେ ବାଲୁଗାଁଠାରୁ ପଦଯାତ୍ରା ବାହାରି ଭୁବନେଶ୍ୱର ଯିବ। ଏଥିରେ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟ କେତେକ ଜିଲାର ଚାଷୀମାନେ ସାମିଲ ହେବେ। ସେହିପରି କୁଆଖିଆ ପଟରୁ ମଧ୍ୟ ଏକ ପଦଯାତ୍ରା ବାହାରି ଭୁବନେଶ୍ୱର ପହଞ୍ଚିବ। ସେଠାରେ ସତ୍ୟାଗ୍ରହ ଆନ୍ଦୋଳନ କରାଯିବ ବୋଲି ସଂଗଠନର ଗଞ୍ଜାମ ଜିଲା ପ୍ରଭାରୀ ସଚିନ ମହାପାତ୍ର ପ୍ରକାଶ କରିଛନ୍ତି ।

ଧାନ କୁଇଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ୫ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ସଂଗଠନ ଦୀର୍ଘ ବର୍ଷ ହେଲା ଦାବି କରୁଛି । କିନ୍ତୁ କେନ୍ଦ୍ର ସରକାର କୁଇଣ୍ଟାଲ୍ ପିଛା ୧୫୫୦ଟଙ୍କାରୁ ବଢ଼ାଇ ୧୭୫୦ଟଙ୍କା କରିଛନ୍ତି। ଯାହା ଫଳରେ ଚାଷୀ ପ୍ରବଳ ଆର୍ଥିକ କ୍ଷତି ସହିବେ। ଅନ୍ୟପଟେ ପ୍ରତିବର୍ଷ ବର୍ଷା ଅଭାବ, ବନ୍ୟା ଏବଂ ରୋଗ ପୋକ ଦ୍ୱାରା ଚାଷ ନଷ୍ଟ ହୋଇଯାଉଛି । ତେଣୁ ପରବର୍ତ୍ତି ପିଢ଼ି ଚାଷ କରିବାକୁ ପସନ୍ଦ କରୁନାହାନ୍ତି । ତେଣୁ ୨୦ ବର୍ଷରୁ ଅଧିକ ବୟସ୍କ ଚାଷୀମାନଙ୍କୁ ମାସିକ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ସଂଗଠନ ଦାବି କରିଛି । ଅନ୍ୟପଟେ ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ସମେତ ଅନ୍ୟ କେତେକ ଜିଲାରେ ବନ୍ୟା ଦ୍ୱାରା ଫସଲ ନଷ୍ଟ ହୋଇଛି । କେବଳ ଗଞ୍ଜାମ ଜିଲାର ୧୭ଟି ବ୍ଲକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ୭୦ରୁ ୮୦ ଭାଗ ଫସଲ ନଷ୍ଟ ହୋଇଯାଇଛି। ସରକାର ଦେଉଥିବା କ୍ଷତିପୂରଣ ଯଥେଷ୍ଟ ନୁହେଁ। ସ୍ୱତନ୍ତ୍ର ପାଣ୍ଠି ଦ୍ୱାରା ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସଂଗଠନ ଦାବି କରିଛି । ବର୍ତ୍ତମାନ ବନ୍ୟା କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯାଉଥିବା ଏକ ହଜାର ଟଙ୍କାର ସହାୟତା ରାଶିକୁ ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସଂଗଠନ ଦାବି କରିଛି । କେବଳ ଚାଷୀ ନୁହଁ, ଭାଗ ଚାଷୀମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଉ। ଆସନ୍ତା ୨୯ତାରିଖ ସୁଦ୍ଧା ୨୧ହଜାର ୬ଶହ କୋଟି ଟଙ୍କାର ଚାଷୀ ସୁରକ୍ଷା ଭତ୍ତା ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଂଗଠନର ଛତ୍ରପୁର ସଂଯୋଜକ ଇଜୁ ଆମିନ୍ ଖାନ୍, ଜିଲା ଉପଦେଷ୍ଟା କୋରାନାଥ ସ୍ୱାଇଁ, ସୁଦର୍ଶନ ପାତ୍ର, ପୁରୁଷୋତ୍ତମପୁର ସଂଯୋଜକ କୈଳାସ ପାତ୍ର, ସୁବାସ ମହାରଣା, ସନ୍ତୋଷ ମଲ୍ଲିକ ଏବଂ ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଖରଖରି ନଦୀ ଜଳ ନିଷ୍କାସନ ପାଇଁ ନୂଆ ଯୋଜନା

**ବ୍ରହ୍ମପୁର ଅଫିସ,୨୬।୧୦:**ଗଞ୍ଜାମ ଜିଲା ଖରଖରି ନଦୀର ଜଳ ନିଷ୍କାସନ ହୋଇ ନ ପାରି ପ୍ରତିବର୍ଷ କୂଳ ଲଂଘୁଛି । ଏହା ଆଖପାଖ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରୁଛି । ଖରଖରି ନଦୀ ଜଳ ରଷିକୁଲ୍ୟା ନଦୀକୁ ନିଷ୍କାସନ କରାଯିବାକୁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବିଧାନସଭା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଗୁରୁତ୍ୱ ଦେଇଛନ୍ତି । ଶୁକ୍ରବାର ବ୍ରହ୍ମପୁର ଉପକଣ୍ଠ ଜଗନ୍ନାଥପୁରସ୍ଥ ସରକାରୀ ଡ଼ାକ ବଙ୍ଗଳାରେ ରାଜ୍ୟ ଡ୍ରେନେଜ ବିଭାଗ ମୁଖ୍ୟ ଯନ୍ତ୍ରୀ ପ୍ରତାପ କୁମାର ନାୟକଙ୍କ ସହ ପଣ୍ଡା ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ସଂପଦ ରାଓଙ୍କ ସମେତ ଅନ୍ୟ ଯନ୍ତ୍ରୀ ଯୋଗ ଦେଇଥିଲେ । ପରେ ଇଞ୍ଜିନିୟରମାନେ ଖରଖରି ନଦୀ ପରିଦର୍ଶନ କରିଥିଲେ । ବୈଠକ ଶେଷରେ ଯୋଜନା ବୋର୍ଡ ସଦସ୍ୟ କହିଥିଲେ ଖରଖରି ନଦୀର ଜଳ ରଷିକୁଲ୍ୟାକୁ ନିଷ୍କାସିତ ହୋଇପାରୁନଥିବାରୁ ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକର ବରପଲ୍ଲୀ, ଭୁଆଁଭୁଇଁ, ହୁମୁରି ଖଟିଆ, ଯୁଡିଏସପୁର ଆଦି ଗ୍ରାମଗୁଡ଼ିକ ବର୍ଷା ଋତୁରେ ଜଳମଗ୍ନ ହୋଇଯାଉଛି । ଡ୍ରେନେଜ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ସାଗର


@ ସୁମନ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୨୬।୧୦**

ବ୍ରହ୍ମପୁରର ୨୪ନଂ ୱାର୍ଡରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। କର୍ପୋରେଟର ତଥା ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇଙ୍କ ନେତୃତ୍ୱରେ ବହୁ କର୍ମୀ ୱାର୍ଡର ସମସ୍ତ ସାହି ପରିକ୍ରମା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିସହ ଭାଜପା ନେତୃତ୍ୱାଧିନ କେନ୍ଦ୍ର ମୋଦି ସରକାର ବିରୋଧରେ ନାରାବାଜି କରାଯାଇଥିଲା । ବଜାର ଛକରେ ହୋଇଥିବା ସଭାରେ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡି ରାଜ୍ୟ ସମ୍ପାଦକ ଟି. ଗୋପି, ଜିଲା ବିଜେଡି ସାଧାରଣ ସମ୍ପାଦକ ଅନିଲ ସାହୁ, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଷୋୟୀ ଯୋଗ ଦେଇଥିଲେ। ଭଗବାନ ଗନ୍ତାୟତ, ଦୁର୍ଗା ପ୍ରସାଦ ପଣ୍ଡା, ମହାନଗର ଯୁବ ବିଜେଡି ସଭାପତି ମୁକୁନ୍ଦ ଗୌଡ଼ ଓ ତାଙ୍କ ଟିମ, ରାଜେଶ୍ୱର ବେହେରାଙ୍କ ସମେତ ଦଳର ପୂର୍ବତନ କର୍ପୋରେଟରମାନେ ଉପସ୍ଥିତ ଥିଲେ । ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିବା ବେଳେ ଯୁବନେତା ଭୀମସେନ ଦଳାଇ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଆର୍‌ଏମ୍‌ଆର୍‌ସିରେ ମିଥ୍ୟା ବିଲ୍ ଦେଇ ୧.୩ କୋଟି ଠକେଇ

## ୩ ବ୍ୟବସାୟୀ, ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକ ଗିରଫ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି)ରେ ମିଥ୍ୟା ବିଲ୍ ଦେଇ ୧ କୋଟି ୩୦ ଲକ୍ଷ ଟଙ୍କା ଠକେଇ କରିବା ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ୩ ବ୍ୟବସାୟୀ ଓ ଜଣେ ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀମାନେ ହେଲେ ବିଶାଖାପାଟଣାର ଟି. ପାଣ୍ଡୁ ରଙ୍ଗା ରାଓ, ଭଦ୍ରକ ଭଣ୍ଡାରିପୋଖରୀର ଅଚ୍ୟୁତାନନ୍ଦ ଦାଶ, ଗଞ୍ଜାମ ଭଞ୍ଜନଗରର ରଞ୍ଜିତ କୁମାର ଷଡ଼ଙ୍ଗୀ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକ ମୁମ୍ବାଇ ଭଣ୍ଡୁପ ଅଞ୍ଚଳର ବିନୋଦ କୁମାର ସିଂ। ସେମାନଙ୍କ ବିରୋଧରେ ଇଓଡବ୍ଲ୍ୟୁ ଦଫା ୪୦୯, ୪୨୦, ୪୬୭, ୪୬୮, ୪୭୧, ୪୭୭(ଏ), ୧୨୦(ବି)ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଆରଏମ୍‌ଆରସିକୁ ଗାଡ଼ି ଭଡ଼ାରେ ଯୋଗାଇବା ସହିତ ବିଭିନ୍ନ ଅଫିସ ଉପକରଣ ଯୋଗାଇଥାନ୍ତି। ପରେ ଆର୍‌ଏମ୍‌ଆର୍‌ସି ଅଫିସ ଷ୍ଟେନୋ ଦିଲୀପ କୁମାର ମହାନ୍ତିଙ୍କୁ ହାତ କରି ଯେତିକି ବିଲ୍ ହେଉଥିଲା ତା'ଠାରୁ ଅଧିକ ଟଙ୍କା ବିଲ୍‌ରେ ପକାଉଥିଲେ। ଏ ବାବଦରେ ସେମାନେ ଦିଲୀପଙ୍କୁ ପର୍ସେଣ୍ଟେଜ ଦେଉଥିଲେ। ଏଭଳି ଉପାୟରେ ସେମାନେ ୧ କୋଟି ୩୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୁକ୍ତ ଟି. ପାଣ୍ଡୁ ରଙ୍ଗା ରାଓ ଜାଲିଆତି କରି ତାଙ୍କ ସଂସ୍ଥା ନାମରେ ୩ଲକ୍ଷ ଟଙ୍କା ନେଇଥିବାବେଳେ ଅଚ୍ୟୁତାନନ୍ଦ ତାଙ୍କ ସଂସ୍ଥା ନିରୁପମା ଟ୍ରାଭେଲ୍ସ ନାମରେ ଅଧିକ ୧୩ ଲକ୍ଷ ୨୩ ହଜାର ୧୩୦ ଟଙ୍କା ନେଇଥିଲେ। ସେହିଭଳି ରଞ୍ଜିତ କୁମାର ଷଡ଼ଙ୍ଗୀ ତାଙ୍କ ସଂସ୍ଥା ସ୍ୱେନ୍ସ ନାମରେ ଅଧିକ ୨ ଲକ୍ଷ ୬୦ ହଜାର, ବିନୋଦ କୁମାର ସିଂ ବିନ୍ଦୁ ଡାଇଗ୍ନୋଷ୍ଟିକ ନାମରେ ୮ଲକ୍ଷ ୨୫ ହଜାର ଟଙ୍କା ନେଇଛନ୍ତି। ସେମାନଙ୍କ ଜାଲ୍ ବିଲ୍ କରିବାରେ ଦିଲୀପ ସହଯୋଗ କରିଲେ। ଆରଏମ୍‌ଆରସିର ପ୍ରଶାସନିକ ଅଧିକାରୀ ଅଡିଟ୍ କରିବା ସମୟରେ ଜାଲିଆତି ଧରାପଡ଼ିଥିଲା। ଏ ନେଇ ୨୦୧୬ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯାଇଥିଲା। ପ୍ରଥମେ ୨୦୧୬ ମାର୍ଚ୍ଚ ୨୮ରେ ଜାଲିଆତିରେ ସହଯୋଗ କରିଥିବା ଷ୍ଟେନୋ ଦିଲୀପଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୪ ଅଭିଯୁକ୍ତ ଫେରାର ଥିଲେ। ସେମାନଙ୍କୁ ଗୁରୁବାର ରାତିରେ ଇଓଡବ୍ଲ୍ୟୁ ଅଧିକାରୀମାନେ ଭୁବନେଶ୍ୱରରୁ ଗିରଫ କରିଥିଲେ।

# କାର୍ଯ୍ୟକ୍ଷମ ହେଲା ସେପ୍ଟେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

**ବ୍ରହ୍ମପୁର ଅଫିସ,୨୬।୧୦**

ବ୍ରହ୍ମପୁର ବାହ୍ୟ ମଳମୁକ୍ତ ଅଞ୍ଚଳ ବୋଲି ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଘୋଷଣା କରାଯାଇଛି । ଗତ ୩ ମାସ ମଧ୍ୟରେ ସହରର ସମସ୍ତ ବସ୍ତି ଓ ୱାର୍ଡରେ ଆବଶ୍ୟକ ଅନୁଯାୟୀ କମ୍ୟୁନିଟି ଟଏଲେଟ, ମିନି ହାଇବ୍ରିଡ ଟଏଲେଟ, ପବ୍ଲିକ ଟଏଲେଟ, ବ୍ୟକ୍ତିଗତ ଟଏଲେଟ ନିର୍ମାଣ କାର୍ଯ୍ୟ ସରିଛି। ଏ ସବୁରୁ ବାହାରୁଥିବା ମଳକୁ ପରିଚାଳନା କରିବା ପାଇଁ ନିର୍ମିତ ହୋଇଛି ସେପ୍ଟେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ । ଅମୃତ ଯୋଜନାରେ ୧.୫୭ ଏକର ଜମିରେ ୨.୬୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ଲାଣ୍ଟକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି । ଏହି ସମୟରେ ବ୍ରହ୍ମପୁର ଉପକଣ୍ଠ ମହୁଡାଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଣ୍ଟର ଫଳକ ଉନ୍ମୋଚନ କରିଥିଲେ । ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ, ପୂର୍ବତନ କର୍ପୋରେଟର ମମତା ବିଷୋୟୀ, ବିଏମସି ଡେପୁଟି କମିଶନର ସୌରିନ୍ଦ୍ର ରାଉତରାୟଙ୍କ ସମେତ ବିଏମସିର ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ ଦ୍ୱାରା ନିର୍ମିତ ହେଉଥିବା ଏହି ପ୍ଲାଣ୍ଟରେ ପ୍ରାଥମିକ ପର୍ଯ୍ୟାୟରେ ଦିନକୁ ଅତିକମରେ ୪୦,୦୦୦ ଲିଟର ମଳ ପରିଚାଳନା କରାଯିବ । ତେବେ ସର୍ବାଧିକ ୮୦,୦୦୦ ଲିଟର ପର୍ଯ୍ୟନ୍ତ ମଳକୁ ପରିଚାଳନା କରାଯିବା କ୍ଷମତା ଏହି ପ୍ଲାଣ୍ଟରେ ରହିଥିବା ସୂଚନା ମିଳିଛି । ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ ତଥା ନିୟମିତ କରିବାକୁ ଦୈନିକ ୧୫ ଟ୍ରିପ ଅର୍ଥାତ ୪୦,୦୦୦ରୁ ୪୫,୦୦୦ ଲିଟର ମଳ ଆବଶ୍ୟକ। ବିଏମସି ପକ୍ଷରୁ ନିୟୋଜିତ ୪ ସେସପୁଲ ଭ୍ୟାନ ଜରିଆରେ ଦୈନିକ ୧୮,୦୦୦ ଲିଟର ମଳ ସହର ମଧ୍ୟରୁ ସଂଗ୍ରହ କରାଯାଉଛି । ପ୍ଲାଣ୍ଟକୁ ନିୟମିତ କାର୍ଯ୍ୟକ୍ଷମ କରାଇବା ନିମନ୍ତେ ଆବଶ୍ୟକ ମଳ ବ୍ରହ୍ମପୁର ନିକଟସ୍ଥ ଏନଏସି ଅଞ୍ଚଳରୁ ଏଠାକୁ ମଳ ଅଣାଯିବ ବୋଲି ପ୍ଲାଣ୍ଟ ପରିଚାଳନା ଦାୟିତ୍ୱରେ ଥିବା ଇଂ ରାଜେନ୍ଦ୍ର କୁମାର ସେଠୀ କହିଛନ୍ତି ।

ତାଙ୍କ କହିବାନୁଯାୟୀ, ପ୍ଲାଣ୍ଟଟି ଗ୍ରାଭିଟି ଅପରେଟେଡ ସିଷ୍ଟମ ଦ୍ୱାରା ପରିଚାଳିତ। ଏଥିରେ ଥିବା ସେପ୍ଟେଜ ରିସିଭିଙ୍ଗ ବକ୍ସ ଦେଇ ମଳକୁ ପ୍ଲାଣ୍ଟ ମଧ୍ୟକୁ ଛଡାଯିବା ପରେ ବିଭିନ୍ନ କମ୍ପୋନେଣ୍ଟ ଦ୍ୱାରା ଏହାକୁ ବିଶୋଧନ କରାଯାଇ ମଳ ଓ ଜଳକୁ ପୃଥକୀକରଣ କରାଯିବ। ମଳକୁ ଖତରେ ପରିଣତ କରାଯିବା ସହ ଜଳକୁ ବିଶୋଧନ କରାଯାଇ ଚାଷ କାର୍ଯ୍ୟରେ ଲଗାଯିବ ।

■ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ ଦୈନିକ ହେବ ୪୦ ହଜାର ଲିଟର ମଳ ପରିଚାଳନା


ପ୍ଲାଣ୍ଟ ଉଦଘାଟନ ଉତ୍ସବରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅତିଥିମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଅକ୍ଟୋବର ୨୭/୨୦୧୮ Berhampur, Saturday, October, 27/ 2018

## ସଂକ୍ଷେପରେ

### ଶାଶୁ ହତ୍ୟା ମାମଲା, ଜ୍ୱାଇଁଙ୍କୁ ୪ ବର୍ଷ ଜେଲ

ବାଲିଗୁଡ଼ା,୨୬।୧୦(ଡି.ଏନ୍.ଏ.)- ବାଲିଗୁଡ଼ା ଉପଖଣ୍ଡ ରାଇକିଆ ଥାନା ଅଞ୍ଚଳରେ ଶାଶୁଙ୍କୁ ହତ୍ୟା ଅଭିଯୋଗରେ ଜ୍ୱାଇଁଙ୍କୁ ୪ ବର୍ଷ ଜେଲ ହୋଇଛି। ସେ ହେଲେ କୁଶଳ ପ୍ରଧାନ। ୨୦୧୭ ଜାନୁୟାରୀ ୩ରେ ରାଇକିଆ ଥାନା ତମାରବାଡ଼ି ଗ୍ରାମର କୁଶଳ ଏକ ଶିଳପୁଆରେ ଶାଶୁଙ୍କ ମୁଣ୍ଡକୁ ଛେଚି ହତ୍ୟା କରିବା ନେଇ ରାଇକିଆ ଥାନାରେ ଏତଲା ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଶୁକ୍ରବାର ଅତିରିକ୍ତ ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଏହାର ଶୁଣାଣି କରି କୁଶଳଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମାନ ଏବଂ ଜରିମାନା ଅନାଦେୟ ହେଲେ ଏକ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।

### ଫେରାର୍ ଅଭିଯୁକ୍ତ ଗିରଫ

ବେଗୁନିଆପଡ଼ା,୨୬।୧୦(ଡି.ଏନ.ଏ.) ସ୍ତ୍ରୀଙ୍କୁ ଭରଣ ପୋଷଣ ମାମଲାର ରାୟ ପରେ ଫେରାର ଗୌରୀ ପଲେଇଙ୍କୁ ଶୁକ୍ରବାର ବେଗୁନିଆପଡ଼ା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବେଗୁନିଆପଡ଼ା ଫାଣ୍ଡି କେ.ବରିଡ଼ା ପଞ୍ଚାୟତର ବିରିବାଟିଆ ଗ୍ରାମର ଗୌରୀ ୨୦ ବର୍ଷ ତଳେ କୁମ୍ଭାରଗାଁ ପଞ୍ଚାୟତର କୁମାରୀପାରି ଗ୍ରାମ ଅରକ୍ଷିତ ତାରେଣିଙ୍କ ଝିଅ ରମାଙ୍କୁ ବିବାହ କରିଥିଲେ। ବୈବାହିକ ଜୀବନ ବିଶୃଙ୍ଖଳା ହେବାରୁ ରମା ୨୦୧୧ରେ ଫାଣ୍ଡିରେ ଏତଲା ଦେଇଥିଲେ। ଏନେଇ ନଂ. ୩୨୪/୧୧ରେ ଏକ ମାମଲା ରୁଜୁ ହୋଇଥିଲା। ପାଞ୍ଚ ବର୍ଷ ତଳୁ ରମାଙ୍କ ଭରଣପୋଷଣ ପାଇଁ କୋର୍ଟ ୪ ଲକ୍ଷ ୩୫ ହଜାର ଟଙ୍କା ରାୟ ଦେବା ପରେ ଗୌରୀ ସେହିଦିନଠାରୁ ଫେରାର ଥିଲେ। ପୋଲିସ ବିରିବାଟିଆ ଗ୍ରାମରୁ ଗୌରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ଦାସ କହିଛନ୍ତି।

■ଗୋପାଳପୁର ପୋର୍ଟରେ ଶ୍ରମିକଙ୍କୁ ମିଳୁନି କାମ

# ଶ୍ରମିକ ସଂଗଠନ ମହାସଂଘର ଧାରଣା

ଛତ୍ରପୁର,୨୬।୧୦(ଡି.ଏନ.ଏ)



ପୋର୍ଟ ଫାଟକ ଆଗରେ ଧାରଣା ଦିଆଯାଇଛି।

ଗୋପାଳପୁର ପୋର୍ଟରେ ଶ୍ରମିକମାନଙ୍କୁ କାମ ନ ମିଳିବା ଓ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ପୋର୍ଟ ଶ୍ରମିକ ସଂଗଠନ ମହାସଂଘ ପକ୍ଷରୁ ଶୁକ୍ରବାରଠାରୁ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପୋର୍ଟ ଫାଟକ ସମ୍ମୁଖରେ ଧାରଣା ଚାଲିବ ବୋଲି ସୂଚନା ଦିଆଯାଇଛି। ଜୁନ୍ ୧୮ ତାରିଖରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରମିକ ସଂଗଠନ ମହାସଂଘର କର୍ମକର୍ତ୍ତା, ପୋଲିସ ବିଭାଗ, ଶ୍ରମ ବିଭାଗ ଏବଂ ପୋର୍ଟ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଆଲୋଚନା ବୈଠକ ବସିଥିଲା। ଦାବି ପୂରଣ ନେଇ ପୋର୍ଟ କର୍ତ୍ତୃପକ୍ଷ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇନି। ପୋର୍ଟରେ ସାର ଜାହାଜ ନ ଲାଗିବାରୁ ଶ୍ରମିକଙ୍କୁ କାମ ମିଳୁନି। ଧାରଣାସ୍ଥଳରେ ଆଇଏନଟିୟୁସିର ଭୋକାଲି ସେଠୀ, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର, ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକନାଥ ମିଶ୍ର, ଉପସଭାପତି ବୃନ୍ଦାବନ ପଲେଇ, ସହ ସମ୍ପାଦକ ପ୍ରଦୀପ ସେଠୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ନିର୍ମାଣ ଶ୍ରମିକ ସଂଘର ଜିଲା ସଭାପତି ଦଣ୍ଡପାଣି ସାମଲ ପ୍ରମୁଖ ଯୋଗଦେଇ ଦାବିକୁ ସମର୍ଥନ ଜଣାଇଥିଲେ। ଶ୍ରମିକ ଠିକା କୋପରେଟିଭ ସୋସାଇଟିର ସଭାପତି ରାଜେନ୍ଦ୍ର କୁମାର ଦାଶ, ଡକ୍ ୱାର୍କସ ୟୁନିୟନର ସଭାପତି ଜି ଏରେୟା, ମହାସଂଘର ସଂଯୋଜକ ତଥା ଫୋରମ୍ୟାନ୍, ୱିଙ୍ଗମ୍ୟାନ୍ ଏଣ୍ଡ ୱାର୍କସ ୟୁନିୟନର ସଭାପତି ପ୍ରଶାନ୍ତ କୁମାର କର, ମଜଦୁର ୟୁନିୟନର ସଭାପତି କେ ଏଲେୟା, ପୋର୍ଟ ସୁପରଭାଇଜର ଏଣ୍ଡ୍ ୱାର୍କସ ୟୁନିୟନର ସଭାପତି ପ୍ରଶାନ୍ତ ପାଢୀଯୋଶୀ ଓ ସମ୍ପାଦକ କେଶବ ନାହାକ, କଳିଙ୍ଗ ପୋର୍ଟ ୱାର୍କସ ୟୁନିୟନର ଉପସଭାପତି ଗାଡରେୟା ରେଡ୍ଡୀ, ଗୋପାଳପୁର ବନ୍ଦର ଶ୍ରମିକ ସଂଘର ସଭାପତି ବିଜୟ କୁମାର ମୁଦୁଲି, ଗୋପାଳପୁର ପୋର୍ଟ ଲେବର ୟୁନିୟନର ଉପସଭାପତି ଏସ୍ ଲାଛମେୟା ରେଡ୍ଡୀ ପ୍ରମୁଖ ପୋର୍ଟ କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୬ ଗିରଫ

ବୁଗୁଡା,୨୬।୧୦(ଡି.ଏନ୍.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଘୋଡ଼ାପଡ଼ା ଗ୍ରାମରେ ଦୁଇ ପରିବାର ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଶୁକ୍ରବାର ବାଲିପଦର ଫାଣ୍ଡି ଅଧିକାରୀ ପ୍ରକାଶ କୁମାର ସାହୁ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେମାନେ ହେଲେ ଭଗବାନ ନାୟକ, ସନ୍ନ୍ୟାସି ନାୟକ, ମୁନା ନାୟକ ଓ ଅନ୍ୟ ପକ୍ଷର ସୂର୍ଯ୍ୟ ନାୟକ, ସଞ୍ଜୟ ନାୟକ, ବୁଲୁ ନାୟକ। ଏନେଇ ଗୁରୁବାର ଦୁଇ ପରିବାରଙ୍କ ପକ୍ଷରୁ ବୁଗୁଡ଼ା ଥାନା ନଂ. ୨୫୦/୧୮ ଓ ୨୫୧/୧୮ରେ ୨ ପୃଥକ ପୃଥକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ବୁଧବାର କୁମାର ପୂର୍ଣ୍ଣିମା ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭଗବାନ ଓ ସଞ୍ଜୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୪ ଜଣଙ୍କ ମୁଣ୍ଡ ଫାଟି ଯିବାରୁ ସମସ୍ତେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ୬ ଜଣଙ୍କୁ ଗିରଫ କରିଥିଲେ।

## ୧୦ ପରିବାରର ୩୦ ବଖରା ଜଳିଗଲା



ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିବା ଘର।

ସୋରଡା,୨୬।୧୦(ଡି.ଏନ୍.ଏ.)

ସ୍ଥାନୀୟ ଖଦାଳସାହିରେ ଶୁକ୍ରବାର ଭୋରରେ ଅଗ୍ନିକାଣ୍ଡ ଘଟି ସାହିର ୧୦ ପରିବାରର ୩୦ ବଖରା ଘର ପାଉଁଶ ହୋଇଯାଇଛି। ସାହିର ସମସ୍ତ ପରିବାର ଶ୍ରମିକ ଶ୍ରେଣୀର ହୋଇଥିବାରୁ ଗୁରୁବାର କାମ ସାରି ଶୋଇ ପଡିଥିଲେ। ଭୋରରୁ ନିଆଁ ଲାଗିବାରୁ ଜୀବନ ବିକଳରେ ସମସ୍ତେ ବାହାରକୁ ଦୌଡିଥିଲେ। ଘରେ ଥିବା କୌଣସି ସାମଗ୍ରୀ ଉଦ୍ଧାର କରି ପାରି ନ ଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପହଞ୍ଚି ବିପନ୍ନଙ୍କୁ ପଲିଥିନ ପାଲ ବଣ୍ଟନ କରିଥିଲେ। ତହସିଲଦାର ଅମର କୁମାର ବସନ୍ତରାୟ, ରାଜସ୍ୱ ନିରୀକ୍ଷକ ବାବୁଲା ଦଳେଇ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାର ଗୁଡିକ ହେଲେ ମହେଶ୍ୱର ନାୟକ, ବବି ନାୟକ, ଭଜ ନାୟକ, ଅମର ନାୟକ, କୁଞ୍ଜି ନାୟକ, ଝୁରୀଆ ନାୟକ, ଅଭି ନାୟକ, ସତ୍ୟ ନାୟକ, ଜୟ ନାୟକ ପ୍ରମୁଖ।

## ପୋତା ଯାଇଥିବା ମୃତଦେହ ଉଦ୍ଧାର କଲା ପ୍ରଶାସନ

ପାତ୍ରପୁର,୨୬।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟାରେ ମୃତ୍ୟୁ ହୋଇଥିବା କେତେଜଣ ଆଦିବାସୀଙ୍କ ମୃତଦେହକୁ ପ୍ରଶାସନ ମାଟି ଖୋଳି ଶୁକ୍ରବାର ବାହାର କରିଛି। ପାତ୍ରପୁର ବ୍ଲକର ଦୁର୍ଗମ ଆଙ୍କୁଲି, ବୁରାତାଲ ଏବଂ ତୁମ୍ବା ପଞ୍ଚାୟତର ବ୍ୟାପକ କ୍ଷୟକ୍ଷତି ଘଟି ବହୁ ଲୋକ ମୃତ୍ୟୁବରଣ କରିଥିଲେ। ବାତ୍ୟାରେ ଲୋକେ ମରିବା କଥାକୁ ସେତେବେଳେ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବା ବେଳେ ପାହାଡ଼ ତଳକୁ ଶବ ଆଣିବାକୁ ମଧ୍ୟ କହୁଥିଲେ। ପରେ ପ୍ରଶାସନ କିଛି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସ୍ୱୀକାର କରି ସମୀକ୍ଷା ବୈଠକରେ କହିଥିଲେ। ଶୁକ୍ରବାର ଡ଼ାକ୍ତର, ପୋଲିସ ଏବଂ ପ୍ରଶାସନର ଏକ ଟିମ ପାହାଡ଼ ଚଢି ପୋତା ଯାଇଥିବା କେତେକ ମୃତଦେହ କାଢିଛନ୍ତି। ତିନୋଟି ଟିମ ପାହାଡ଼ ଚଢିଥିଲେ। ଗୋଟିଏ ଟିମ ପାହାଡ଼ ଉପରେ ଥିବା ଗ୍ରାମକୁ ଯାଇ ପୋତା ଯାଇଥିବା ନବୀନ କାର୍ଯି (୩୨)ଙ୍କ ମୃତଦେହ ଜବତ କରିଥିଲେ। ତେବେ ଅନ୍ୟଏକ ଟିମ ମଧ୍ୟ ବୁରାତାଲ ଦେଇ ପାହାଡ଼ ଚଢି କିଛି ମୃତଦେହକୁ ମାଟି ତଳୁ କାଢିଥିବା ସୂଚନା ମିଳିଛି। ଉକ୍ତ ଟିମ୍ ପାହାଡ଼ ତଳକୁ ଆସିଲେ ସବିଶେଷ ଖବର ଜଣାପଡ଼ିବ। ମୃତ୍ୟୁର କାରଣ ଜାଣିବା ପାଇଁ ଏଭଳି କରାଯାଉଥିବା ଆଲୋଚନା ହେଉଛି। ମାତ୍ର ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଆଦିବାସୀ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ